


ତ୍ରୟମାସିକ କୃଷି ସମାଚାର ପତ୍ର

# ଇସ୍ପାତ କୃଷି ବାର୍ତ୍ତା

**The Ispat Krushi Bartta**

Krishi Vigyan Kendra, Sundargarh-II
Orissa University of Agriculture & Technology, Bhubaneswar

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଚତୁର୍ଥ ବର୍ଷ | ଜୁଲାଇ-ସେପ୍ଟେମ୍ବର ୨୦୧୬ | ଦ୍ୱିତୀୟ ସଂଖ୍ୟା


## ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟଙ୍କ କଲମରୁ...



ରାଜଧାନୀରୁ ପ୍ରାୟ ୩୫୦ କିଲୋମିଟର ଦୂରରେ ଅବସ୍ଥିତ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର, ବିଭିନ୍ନ କୃଷି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ କୃଷକ ଭାଇ ଓ କୃଷିଜିବୀ ମହିଳାମାନଙ୍କ ହୃଦୟରେ ଆଶାର ଆଲୋକ ସଂଚାର କରିପାରିଛି । ବିଶେଷତଃ ବାରମ୍ବାର ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଜର୍ଜରିତ ଏହି ଜିଲ୍ଲାର ଚାଷୀ ଭାଇମାନଙ୍କ ଆଶା ଓ ଭରସାକୁ ପାଥେୟ କରି କୃଷି ବିଜ୍ଞାନ କେନ୍ଦ୍ର ନିରବଚ୍ଛିନ୍ନଭାବେ ଅନେକ ପଦକ୍ଷେପ ଗ୍ରହଣ କରିଛି । ଏହି କେନ୍ଦ୍ରର ବୈଜ୍ଞାନିକମାନଙ୍କର ନିରନ୍ତର ପ୍ରଚେଷ୍ଟା ତଥା କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନର ଅଧିକାରୀଙ୍କ ସାହାଯ୍ୟରେ ଉନ୍ନତି କରିଛି । ବିଶେଷକରି ଆଦିବାସୀ ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ତଥା ସେମାନଙ୍କ ଜୀବନ-ଜୀବିକାରେ ପରିବର୍ତ୍ତନ ଆଣିବା ପାଇଁ ଆମ କୃଷି ବିଜ୍ଞାନ କେନ୍ଦ୍ର ରାସ୍ତା ଦେଖାଉଅଛି । ଶସ୍ୟ, ଡାଲି, ତୈଳବୀଜ, ପନିପରିବା, ଫଳଜାତୀୟ ପାରମ୍ପରିକ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗ ତଥା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଆର୍ଥିକ ସ୍ୱାବଲମ୍ବୀ ହେବାପାଇଁ ଅନେକ କ୍ଷେତ୍ରରେ କାର୍ଯ୍ୟରେ ଆସୁଛି । ସୁନ୍ଦରଗଡ଼-୨, ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ରଦ୍ୱାରା ପ୍ରକାଶିତ ଏହି ଇସ୍ପାତ କୃଷି ବାର୍ତ୍ତା ଚାଷୀମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇବ ଏହା ହିଁ ବିଶ୍ୱାସ । କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟାବଳୀ ଏଥିରେ ସ୍ଥାନିତ, ଯାହା ସମସ୍ତଙ୍କର କାର୍ଯ୍ୟରେ ଲାଗିପାରିବ ।

ବୈଜ୍ଞାନିକମାନଙ୍କର ପ୍ରଗାଢ଼ ନିଷ୍ଠା ତଥା କର୍ମଚାରୀମାନଙ୍କର କର୍ତ୍ତବ୍ୟପରାୟଣତା ଏହି କେନ୍ଦ୍ରର କାର୍ଯ୍ୟକ୍ରମ ଗୁଡ଼ିକୁ ଚାଷୀଭାଇମାନଙ୍କ ପାଖରେ ପହଞ୍ଚାଇବାରେ ସକ୍ଷମ ହୋଇପାରିଛି । ବିଭିନ୍ନ ପ୍ରକାର ଫସଲ ଓ ଏହାର ରୋଗପୋକ ନିୟନ୍ତ୍ରଣ ସଂପର୍କରେ ବର୍ଷର ବାରମାସରେ ଚାଷୀମାନଙ୍କ ସହିତ ରହି ବିଭିନ୍ନ ପ୍ରକାର ଫସଲର କ୍ଷେତ୍ରପ୍ରଦର୍ଶନ, କୃଷକମାନଙ୍କୁ ତାଲିମ୍ ପ୍ରଦାନ, କୃଷିମେଳାର ଆୟୋଜନ କେଉଁ ଅଂଚଳରେ କେଉଁ ଫସଲ କରାଯାଇ ପାରିବ, ସେ ସଂପର୍କରେ କୃଷକମାନଙ୍କୁ ଆଗୁଆ ସଚେତନତତା ଆଦି କାର୍ଯ୍ୟକ୍ରମ କରାଯାଇଥାଏ । ଜିଲ୍ଲାର କୃଷି, ଉଦ୍ୟାନ ତଥା ଅନୁଷାଙ୍ଗିକ ବିଭାଗ ସହିତ ହାତରେ ହାତ ମିଳାଇ ଏହି କେନ୍ଦ୍ର ସର୍ବଦା କୃଷିର ଉନ୍ନତି ପାଇଁ ଚେଷ୍ଟାରତ । ପ୍ରତିଦିନ ଏହି କେନ୍ଦ୍ରକୁ ବହୁ ଚାଷୀ ଆସି ଚାଷରେ ଦୈନନ୍ଦିନର ସମସ୍ୟାକୁ ଏଠାରେ କାର୍ଯ୍ୟରତ ବିଭିନ୍ନ ବିଭାଗର ବୈଜ୍ଞାନିକଙ୍କ ସହିତ ଆଲୋଚନା କରିବା ସହ ନିଜନିଜ କୃଷି କ୍ଷେତ୍ରରେ କାର୍ଯ୍ୟରେ ପ୍ରତିଫଳିତ କରାଉଛନ୍ତି । ଆମ କେନ୍ଦ୍ର ତରଫରୁ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ କେତୋଟି ପୋଷ୍ୟଗ୍ରାମ ନିଆଯାଇ, ସେଠାରେ ଚାଷୀ କ୍ଷେତରେ ପରୀକ୍ଷଣ, ଆଗଧାଡି କ୍ଷେତ୍ର ପ୍ରର୍ଦଶନ ଇତ୍ୟାଦି କରାଯିବା ସହିତ ବୈଜ୍ଞାନିକ ଜ୍ଞାନ କୌଶଳ ଚାଷୀମାନଙ୍କ ନିକଟରେ ପହଞ୍ଚାଯାଉଛି । ବିଭିନ୍ନ ଦୈବଦୁର୍ବିପାକରେ କ୍ଷତିଗ୍ରସ୍ତ ରାଉରକେଲା ଏବଂ ଏହାର ଆଖପାଖର ଚାଷୀ ଭାଇମାନେ ଉପକୃତ ହେଉଛନ୍ତି । କିଛି ଚାଷୀ ଭାଇଙ୍କ ଅନୁଭୁତି, ଚାଷ ପ୍ରଣାଳୀ, ଆମ କେନ୍ଦ୍ରର କିଛି କୃଷି ପରୀକ୍ଷଣ, ଆଗଧାଡି କ୍ଷେତ୍ର ପ୍ରଦର୍ଶନ, ତାଲିମ କାର୍ଯ୍ୟକର୍ମ ଇତ୍ୟାଦିର ସୁଫଳ ଚାଷୀଭାଇଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପ୍ରକାଶ ପାଉଛି କୃଷି ସୂଚନା ପତ୍ରିକା "ଇସ୍ପାତ କୃଷି ବାର୍ତ୍ତା" । ଏହାର ସଫଳ କାମନା କରୁଛି ।

ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ

---

Achievements

### ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

## ପ୍ରଧାନ ମନ୍ତ୍ରୀ ଉଜ୍ଜଳା ଯୋଜନା ଉଦ୍‌ଘାଟିତ



କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ସେପ୍ଟେମ୍ବର ୨୯ ତାରିଖରେ ଭାରତୀୟ ତୈଳ ନିଗମ ଅନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଶ୍ରୀଯୁକ୍ତ ଜୟନ୍ତ କୁମାର ପତି ପ୍ରଦୀପ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୦୦ ଜଣ ମହିଳାଙ୍କୁ ଗ୍ୟାସ ଚୁଲ୍ଲୀ ଓ ଗ୍ୟାସ ସିଲିଣ୍ଡର ବଣ୍ଟନ କରାଯାଇଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ୟାସ ଚୁଲ୍ଲୀର ବ୍ୟବହାରର ଉପକାରିତା ବିଷୟରେ ମହିଳାମାନଙ୍କୁ ବୁଝାଯାଇଥିଲା । ନିରାପଦ ଭାବରେ ଗ୍ୟାସ ଚୁଲ୍ଲୀ ଏବଂ ସିଲିଣ୍ଡର୍‌ର ବ୍ୟବହାର ଉପଯୋଗୀ ସମସ୍ତ ସୂଚନା ପ୍ରଦାନ କରାଯାଇଥିଲା ।

## ଜୈବିକ ପଦ୍ଧତିରେ କୀଟ ନିୟନ୍ତ୍ରଣ କାର୍ଯ୍ୟକ୍ରମ

କେନ୍ଦ୍ରିୟ କୃଷିଜୀବୀ ମହିଳା ସଂସ୍ଥାନ ଦ୍ୱାରା ଜୈବିକ ପଦ୍ଧତିରେ କୀଟ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ବିଶ୍ରା ବ୍ଲକରେ ଖଟନକୁଟର ଗ୍ରାମରେ ଅନୁଷ୍ଠିତ ହୋଇଥିଲା ସେଠାକାର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସବିତା ମିଶ୍ର ଓ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଗ୍ରାମବାସୀମାନଙ୍କୁ ଜୈବିକ କୃଷିର ଉପାଦେୟତା ସହିତ ଜୈବିକ କୀଟ ନିୟନ୍ତ୍ରଣ ପଦ୍ଧତି ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟୁନ୍ୟ ୧୦୦ ଜଣ କୃଷିଜୀବି ମହିଳା ଓ କୃଷକ ଯୋଗ ଦେଇଥିଲେ । ସମସ୍ତ ଋଷୀଙ୍କୁ ଫେରୋମେନ ଯନ୍ତ୍ରା ଓ ହଳଦିଆ ଅଠାଯନ୍ତ୍ର, ମୂଷା ଧରିବା ନିମନ୍ତେ ଅଠାଯନ୍ତ୍ର ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଏହିସବୁ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କରାଯିବା ପାଇଁ ନିର୍ଦ୍ଧାରଣ କରାଯାଇଥିଲା ।



## ଫଟୋ ଗାଏ ଆମ ପ୍ରଗତିର ଗାଥା...










### ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଡ. ଜୟନ୍ତ କୁମାର ପତି
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସଂପାଦନା ମଣ୍ଡଳୀ**
ଶ୍ରୀଯୁକ୍ତ ସଞ୍ଜୟ କୁମାର ପ୍ରଧାନ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ

**ସହାୟତା:**
ସୋମଦତ୍ତ ମହାନ୍ତି

**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୬୯୦୦୪
ଫୋନ: ୦୬୬୧-୨୬୬୪୦୫୦
E-mail:rourkelakvk@gmail.com
www.kvksundargarh2.org



This News letter is Printed, Published & Owned by Sinior Scientist & Head, KVK, Sundargarh-II, Rourkela, Dist: Sundargarh, Pin: 769004, Phone: 0661-2664050, E-mail: kvksundergarh2.ouat@gmail.com, www.kvksundargarh2.org, Printed at: ankitagraphics, BBSR, Cell:9437077337
**Chief Editor:** Dr. Jayant Kumar Pati


Ispat Krushi Bartta

## ଅଣ୍ଡାଦିଆ କୁକୁଡାମାନଙ୍କ କ୍ଷମତା ବୃଦ୍ଧିପାଇଁ ଔଷଧ ଏବଂ ଖଣିଜ ଲବଣର ଆବଶ୍ୟକତାର ପରୀକ୍ଷଣ

ଆଦିବାସୀ ମହିଳାମାନେ ପ୍ରାୟ ସମସ୍ତେ ନିଜ ଘର ବାଡିପଟେ ମାଂସ ଏବଂ ଅଣ୍ଡା ପାଇବା ପାଇଁ କୁକୁଡା ପାଳନ କରିଥାନ୍ତି। କିନ୍ତୁ ଉପଯୁକ୍ତ ଜ୍ଞାନର ଅଭାବରୁ କୁକୁଡାମାନେ ଖାଦ୍ୟ ଓ ଔଷଧ ବିଷୟରେ ସେମାନେ ସଚେତନ ନଥାନ୍ତି। ଫଳରେ କୁକୁଡ଼ା ଗୁଡ଼ିକର ଶରୀର ପୂର୍ଣ୍ଣରୂପେ ବିକଶିତ ହୋଇ ନଥାଏ ଏବଂ ସେମାନଙ୍କର ଅଣ୍ଡା ଦେବା କ୍ଷମତାରେ ସୁଦ୍ଧା ବ୍ୟତିକ୍ରମ ଦେଖାଯାଏ ଏବଂ ବିଭିନ୍ନ ରୋଗ କାରଣର କୁକୁଡାଗୁଡ଼ିକ ମରିଯାଇଥାନ୍ତି ଯାହାଦ୍ୱାରା ଆଦିବାସୀ ମହିଳାମାନେ ଆଶାନୁରୂପ ଲାଭ ପାଇପାରି ନଥାନ୍ତି।



ଏହି ପରୀପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ କୁକୁଡ଼ାମାନଙ୍କର ଅଣ୍ଡାଦେବା କ୍ଷମତା ବୃଦ୍ଧି କରିବା ପାଇଁ ସେମାନଙ୍କ ଭିଟାମିନ ଏ.ଡି.ଏଇ ଯୁକ୍ତ ଔଷଧ କ୍ୟାଲ୍‌ସିୟମ ଏବଂ ସୁସ୍ଥ ଯକୃତ ପାଇଁ ଔଷଧ ଏବଂ ଆଣ୍ଟିବାୟୋଟିକ ନିର୍ଦ୍ଧାରିତ ପରିମାଣରେ ତିନିମାସ ପର୍ଯ୍ୟନ୍ତ ଦିଆଯାଇଥିଲା, ଯାହାଫଳରେ କୁକୁଡାଗୁଡ଼ିକ ପୂର୍ବାପେକ୍ଷା ଶତକଡ଼ା ୨୦-୨୫ ଭାଗ ଅଧିକ ଅଣ୍ଡା ଦେଇଥିଲେ।

## ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବରେ ଚାଷୀ ମହିଳାମାନେ ସମ୍ବର୍ଦ୍ଧିତ



ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ଅଧ୍ୟୁସିତ ବିଶ୍ରା ବ୍ଲକର ଖଟନ କୁଦର ଗ୍ରାମର ଆଦିବାସୀ ମହିଳାମାନେ ଚାଷ କାର୍ଯ୍ୟରେ ବେଶ୍ ତତ୍ପର। ଧାନ, ମକା, ପନିପରିବା ଇତ୍ୟାଦି ଚାଷ ସହିତ ଗୋପାଳନ, କୁକୁଡ଼ା ପାଳନ ଇତ୍ୟାଦି କାର୍ଯ୍ୟକରି ସେମାନେ ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି। ଏହା ବ୍ୟତୀତ ବର୍ଷକୁ ପ୍ରାୟ ୧୦୦-୧୨୦ ଦିନ ସେମାନେ ପନିପରିବା ବ୍ୟବସାୟ କରିବା ଉଦ୍ଦେଶ୍ୟରେ ରାଉରକେଲା ସହରର ବିଭିନ୍ନ ହାଟରେ ପନିପରିବା ବିକ୍ରି କରିଥାନ୍ତି। ଏହି ପରିପ୍ରେକ୍ଷୀରେ କୃଷି ବିଶ୍ୱବିଦ୍ୟାଳୟର ସ୍ଥାପନା ବାର୍ଷିକୀ ଅବସରରେ ଖଟନ କୁଦର ଗ୍ରାମର ୩ ଜଣ ଅଗ୍ରଣୀ ମହିଳା ଚାଷୀଙ୍କୁ ସମ୍ମାନିତ କରାଯିବା ସହିତ ଶ୍ରୀମତୀ ସାବିତ୍ରୀ ଓରାମଙ୍କୁ ଶ୍ରେଷ୍ଠ ଚାଷୀ ହିସାବରେ ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା। ମାନ୍ୟବର ରାଜ୍ୟପାଳ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ ମହିଳା ଚାଷୀମାନେ ଏହି ଉତ୍ସବ ଅବସରରେ କୃଷି ବିଶ୍ୱବିଦ୍ୟାଳୟର ପରିସରରେ ଆୟୋଜିତ ପ୍ରଦର୍ଶନୀ ଦେଖି ବହୁତ ବିଷୟରେ ଅବଗତ ହୋଇଥିଲା। ଏହାଦ୍ୱାରା ସେମାନେ ନିଜ ଗ୍ରାମରେ ମଧ୍ୟ ଉଚ୍ଚ ପ୍ରଶଂସିତ ଓ ଆଦୃତ ହୋଇଥିଲେ।

## ମିଠା ମକାର ସଫଳ ଆଗୁଆଧାଡ଼ି ପ୍ରଦର୍ଶନ

ବର୍ଷା ଦିନେ ସାଧାରଣତଃ ସୁନ୍ଦରଗଡ଼ ଜିଲ୍ଲାରେ ମକା ଏକ ମୁଖ୍ୟ ଫସଲ ରୂପେ ପରିଗଣିତ ହୋଇଥାଏ। କିନ୍ତୁ ଚାଷୀମାନେ ମକା ଫସଲରୁ ଆଶାନୁରୂପ ଲାଭ ପାଇପାରିନଥାନ୍ତି। ଏହି ଅସୁବିଧାକୁ ଉପଲବ୍ଧି କରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଶ୍ରାମ ବ୍ଲକ୍‌ର ଖଟନ କୁଦର ଗ୍ରାମରେ ମିଠା ମକା କିସମ ମଧୁ - ୩୫୧୦ କୁ ଆଦିବାସୀ ଚାଷୀମାନଙ୍କ ମଧ୍ୟରେ ବଣ୍ଟାଯାଇଥିଲା ସେମାନଙ୍କୁ ସମୟ ସମୟରେ ତାଲିମ୍ ଏବଂ ଆଲୋଚନା ମାଧ୍ୟମରେ ମଧୁର ମକାର ସଫଳ ଚାଷ ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରଦାନ କରାଯାଇଥିଲା। ଏହି ମକା ଚାଷ କରି ସେମାନେ ହେକ୍ଟର ପ୍ରତି ପ୍ରାୟ ୫୦ କ୍ୟୁଣ୍ଟାଲ୍ ଅମଳ ପାଇଥିଲେ ଯାହାକୁ ସେମାନେ କିଲୋପ୍ରତି ପ୍ରାୟ ୨୦-୨୫ ଟଙ୍କାରେ ସ୍ଥାନୀୟ ବଜାରରେ ବିକିପାରିଥିଲେ। ମଧୁର ମକାର ଏତାଦୃଶ ସଫଳତାକୁ ହୃଦୟଙ୍ଗମ କରି ଆଗାମୀ ଦିନରେ ଅଧିକ ଜମିରେ ଏହାକୁ ଚାଷ କରିବା ପାଇଁ ସ୍ଥିର କରିଛନ୍ତି।




## ଭେଣ୍ଡି ଫସଲରେ ସମନ୍ୱିତ ଖାଦ୍ୟସାର ପ୍ରୟୋଗର ଆଗୁଆ ଧାଡ଼ି ପ୍ରଦର୍ଶନ



ବର୍ଷା ଦିନେ ଜିଲ୍ଲାର ଢ଼ିପ ଜମି ମାନଙ୍କର ସାଧାରଣତଃ ଭେଣ୍ଡିକୁ ଏକ ମୁଖ୍ୟ ପରିବା ହିସାବରେ ଚାଷ କରାଯାଇଥାଏ। କିନ୍ତୁ ସଚେତନତା ଅଭାବରୁ ଚାଷୀମାନେ ଆଶାନୁରୂପ ଅମଳ ପାଇନଥାନ୍ତି। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଭେଣ୍ଡିର ଅଧିକ ଅମଳ ପାଇଁ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ରା ବ୍ଲକ୍‌ର ଖଟନକୁଦର ଗ୍ରାମରେ ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ରାସାୟନିକ ସାର ଯଥା ୟୁରିଆ, ଡିଏପି ଏବଂ ପଟାସ୍ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଅଧିକ ଜୈବିକ ଖତ ଜମିରେ ପକାଇବାକୁ କେନ୍ଦ୍ରତରଫରୁ ତାଲିମ୍ ମାଧ୍ୟମରେ ପରାମର୍ଶ ଦିଆଯାଇଥିଲା। ଏହି ସାରକୁ ବ୍ୟବହାର କରି ସେମାନେ ହେକ୍ଟର ପ୍ରତି ୧୦୫ କ୍ୟୁଣ୍ଟାଲ ଅମଳ ପାଇଥିଲେ ଯାହାକି ତାଙ୍କର ପାରମ୍ପରିକ ଚାଷ ପଦ୍ଧତି ଅପେକ୍ଷା ୧୬% ଅଧିକ ଥିଲା। ଆଗାମୀ ଦିନରେ ସ୍ଥାନୀୟ ଚାଷୀମାନେ ଭେଣ୍ଡି ଫସଲରେ ସମନ୍ୱିତ ଖାଦ୍ୟସାର ପ୍ରୟୋଗ କରି ଉତ୍ପାଦନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ସ୍ୱଳ୍ପ ମୂଲ୍ୟର ପଲିଥିନ ଗୃହରେ ପନିପରିବା ଚାରା ଉପାଦାନର ପ୍ରଦର୍ଶନ



କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ଦ୍ୱାରା ନୂଆଗାଁ ଜିଲ୍ଲାର ଗୁଡୁଗୁଡା ଗ୍ରାମରେ ସ୍ୱଳ୍ପ ମୂଲ୍ୟର ପଲିଥିନ ଗୃହରେ ପନିପରିବା ଚାରା ଉତ୍ପାଦନ ପାଇଁ ମହିଳାମାନଙ୍କୁ ତାଲିମ ଏବଂ ପ୍ରଦର୍ଶନ ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା। ଅଗଷ୍ଟ-ସେପ୍ଟେମ୍ବର ମାସରେ ଅତ୍ୟଧିକ ବର୍ଷା ହେଉଥିବାର ବାଇଗଣ, ଟମାଟୋ, ଫୁଲକୋବି, ବନ୍ଧାକୋବି ଇତ୍ୟାଦି ପରିବା ର ଚାରା ଉତ୍ପାଦନରେ ବିଶେଷ ବାଧା ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ନିରାକରଣ ପାଇଁ ସେମାନଙ୍କୁ ଦଶ ବର୍ଗମିଟର ସ୍ଥାନରେ ପଲିଥିନ୍ ଗୃହ ପ୍ରସ୍ତୁତ କରି ଚାରା ଉତ୍ପାଦନର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହାଫଳରେ ସେମାନେ ସୁସ୍ଥ ଓ ରୋଗମୁକ୍ତ ଚାରା ପାଇବା ସହିତ ଚାରାଗୁଡ଼ିକରେ ନଷ୍ଟ ହେବା ହାର ଶତକଡ଼ା ୪୦ ଭାଗରୁ କମିଯାଇ ମାତ୍ର ଶତକଡା ୫ ଭାଗକୁ ପହଞ୍ଚିଥିଲା। ଏହି ପନିପରିବା ଚାରା ସେମାନେ ନିଜେ ବ୍ୟବହାର କରିବା ସହିତ ବିକ୍ରିକରି ଲାଭବାନ ହୋଇଥିଲେ।

## ପନିପରିବା ତଳିଘେରିରେ ମାଟି ବିଶୋଧକ ପ୍ରୟୋଗର ସଫଳ କ୍ଷେତ୍ରପରୀକ୍ଷଣ

ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ୍‌ରେ ପ୍ରାୟ ବିଳମ୍ବିତ ବର୍ଷାଋତୁରେ ଚାଷୀମାନେ ବିଭିନ୍ନ ପ୍ରକାର ପନିପରିବା ଯଥା ଟମାଟୋ, ଫୁଲକୋବି, ବନ୍ଧାକୋବି ଇତ୍ୟାଦିର ଚାରା ପକାଇଥାନ୍ତି। କିନ୍ତୁ ଆବଶ୍ୟକ ଜ୍ଞାନ କୌଶଳର ଅଭାବ ଯୋଗୁଁ ସେମାନେ ସୁସ୍ଥ ଚାରା ଉତ୍ପାଦନରେ ଅସମର୍ଥ ହୋଇଥାନ୍ତି। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ନୂଆଗାଁ ବ୍ଲକ୍‌ର ଗୁଡୁଗୁଡା ଗ୍ରାମରେ ପନିପରିବା ତିନି ଘେରାରେ ଦୁଇଟି ମାଟି ବିଶୋଧକ ଯଥା ଫରମାଲିନ୍ ଏବଂ ବାଭିଷ୍ଟିନ୍‌ର ପ୍ରୟୋଗ କରାଯାଇଥିଲା। ପ୍ରତି ବର୍ଗମିଟର ପିଛା ଫରମାଲିନ୍ ୨୦୦ ମି.ଲି. ୧୦ ଲିଟର ପାଣିରେ ମିଶାଇ ଏବଂ ବାଭିଷ୍ଟିନ୍ ୧୫ ଗ୍ରାମ୍ ୫ ଲିଟର ପାଣିରେ ମିଶାଇ ମାଟିରେ ପ୍ରୟୋଗ କରି ତାକୁ ଘୋଡ଼ାଇ ଦିଆଯାଇଥିଲା ଏବଂ ୭ ଦିନ ପରେ ଏଥିରେ ମଞ୍ଜି ବୁଣାଯାଇଥିଲା ଏହି ପରୀକ୍ଷଣରେ ମାଟି ବିଶୋଧନ ହୋଇନଥିବା ତଳିଘେରା ଅପେକ୍ଷା ଫର୍‌ମାଲିନ୍ ବିଶୋଧିତ ତଳିଘେରାଇ ତଳି ସଂଖ୍ୟା ୩୫% ଅଧିକଥିଲା ଏବଂ ବାଭିଷ୍ଟିନ୍ ବିଶୋଧିତ ତଳିଘେରାରେ ତଳିସଂଖ୍ୟା ପ୍ରାୟ ୫୦% ଅଧିକଥିଲା। ଏହି ବିଶୋଧକର ଉପକାରିତାକୁ ଦେଖି ସ୍ଥାନୀୟ ଚାଷୀମାନେ ଆଗାମୀ ଋତୁମାନଙ୍କରେ ମାଟି ବିଶୋଧକୁ ପ୍ରାୟାଗ କରି ଅଧିକ ସୁସ୍ଥ ଚାରା ପାଇବା ପାଇଁ ଆଶା କରିଛନ୍ତି।

